SAMBAD
ସମ୍ବାଦ

05th Dec, 2020

# ଜ୍ଞାନର ଶକ୍ତି ପାଲଟିବ ଭାରତ: ପୋଖରିଆଲ୍

- ଭୁବନେଶ୍ୱର ଆଇଆଇଟି ସମାବର୍ତ୍ତନ ଉତ୍ସବ
- ଛାତ୍ର ଆଦିତ୍ୟ ପାଲ୍‌ଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ
- ୩ ଜଣଙ୍କୁ ସ୍ୱର୍ଣ୍ଣ, ୧୮ ଜଣଙ୍କୁ ରୌପ୍ୟପଦକ

ଭୁବନେଶ୍ୱର, ୪/୧୨(ଇମିସ): ଆଗକୁ ଅନେକ ଆହ୍ୱାନ ଆସୁଛି। ତାହାର ସମ୍ମୁଖୀନ ହେବାକୁ ପଡ଼ିବ। ଏଥିପାଇଁ ଏବେଠାରୁ ପ୍ରସ୍ତୁତ ରହିବା ସହ ନିଜ ସ୍ୱପ୍ନକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ରମେଶ ପୋଖରିଆଲ୍ 'ନିଶଙ୍କ' ଭୁବନେଶ୍ୱର ଆଇଆଇଟି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଆଇଆଇଟିର ୯ମ ସମାବର୍ତ୍ତନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପୋଖରିଆଲ୍ ଅନ୍‌ଲାଇନ୍‌ରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ଡିଗ୍ରିଧାରୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ କହିଲେ, ଆଇଆଇଟି ଭୁବନେଶ୍ୱରରୁ ଯେଉଁ ଶିକ୍ଷା ପାଇଛନ୍ତି, ତାହାକୁ ଆଧାର କରି ରାଷ୍ଟ୍ର ଗଠନରେ ନିଜକୁ ସାମିଲ କରନ୍ତୁ। ବିଶ୍ୱସ୍ତରୀୟ ଛାତ୍ରଛାତ୍ରୀ ସୃଷ୍ଟି କରିବା କ୍ଷେତ୍ରରେ ଭୁବନେଶ୍ୱର ଆଇଆଇଟି ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜାତୀୟ ଶିକ୍ଷାନୀତି-୨୦୨୦ ଉପରେ ବକ୍ତବ୍ୟ ରଖି କେନ୍ଦ୍ରମନ୍ତ୍ରୀ କହିଲେ, ସମୟ ଥିଲା ବିଶ୍ୱର ସ୍କଲାରମାନେ ନାଳନ୍ଦା, ତକ୍ଷଶୀଳା ପରି ଶିକ୍ଷାନୁଷ୍ଠାନରୁ ଜ୍ଞାନ ଆହରଣ କରିବାକୁ ଭାରତକୁ ଆସୁଥିଲେ। ଏବେ ପୁଣି ପୂର୍ବ ସ୍ଥିତି ଫେରିବାକୁ ଯାଉଛି। ନୂତନ ଶିକ୍ଷା ନୀତି ଦ୍ୱାରା ଭାରତକୁ ବିଶ୍ୱସ୍ତରରେ ନେତୃତ୍ୱ ନେବ ଏବଂ ଜ୍ଞାନର ଶକ୍ତି ଭାବେ ପରିଗଣିତ ହେବ।




କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଅଧ୍ୟାପକ, ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକ୍ରମର ସ୍ୱପ୍ନକୁ ପୂରଣ କରି ଅନୁସନ୍ଧାନ ଓ ରୋଜଗାର ସୃଷ୍ଟି ପାଇଁ 'ଆତ୍ମନିର୍ଭର ଭାରତ ଅଭିଯାନ'ରେ ସାମିଲ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ନର୍ସ(ବିଓଜି)ର ଚେୟାରମ୍ୟାନ୍ ରାଜେନ୍ଦ୍ର ପ୍ରସାଦ ସିଂ ଯୋଗଦେଇ କହିଲେ, ଏଠାରୁ ସଫଳତାର ସହ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ରାଷ୍ଟ୍ର ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ଆର୍ ଭି. ରାଜାକୁମାର ଉତ୍ସବରେ ଅଧ୍ୟକ୍ଷତା କରି ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ।

ଏହି ଅବସରରେ ୩ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ଓ ୧୮ ଛାତ୍ରଛାତ୍ରୀଙ୍କୁ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ବି.ଟେକ୍ ଛାତ୍ର ଆଦିତ୍ୟ ପ
ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ, ଏମ୍.ଟେକ୍ ଛାତ୍ର ସଙ୍କେ
ଦେ ଚୌଧୁରୀ ଓ ଏମ୍.ଏସ୍‌ସି ଛାତ୍ର ସୌଭି
ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ପ୍ରଦ
କରାଯାଇଥିଲା। ବି.ଟେକ୍ ପାଠ୍ୟକ୍ରମରେ ଆଦି
ପାଲ୍, ଅରବିନ୍ଦ ଟିକେଆର, ଅବିନାଶ ମିଶ୍ର, ଅମ
ସିଂଘଲ୍, ମନପୁରମ୍ ଜ୍ୟୋତି ଭେଙ୍କଟ ସାଇ ଆଦି
ଓ ଶୁଭଜିତ୍ ମଣ୍ଡଳ, ଏମ୍.ଟେକ୍ ପାଠ୍ୟକ୍ରମ
ସଙ୍କେତ ଦେ ଚୌଧୁରୀ, ଦୁସନେ ଆଜ୍ୟା
ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦ
ଗୌରବ ଭଟ୍ଟାଚାର୍ଯ୍ୟ, ଖାଡ଼କେ ଲିନା ସଞ୍ଜୟ
ଦେବଜିତ୍ ରଣା ଏବଂ ଏମ୍.ଏସ୍‌ସି ପାଠ୍ୟକ୍ରମ
ସୌଭିକ୍ ଚକ୍ରବର୍ତ୍ତୀ, ଏ. ସୁସେନ ଜେସ୍ମ, ଦେବ
ମଣ୍ଡଳ, ସୁଦେଷ୍ଣା ଗୋସ୍ୱାମୀ ଓ ଅର୍କପ୍ରଭା ରାୟ
ରୌପ୍ୟପଦକ ଦିଆଯାଇଥିଲା। ମୋଟ ୪୯
ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଛି। ୩
ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୧୪୧ଜଣଙ୍କୁ ଏମ୍.ଟେ
୭୦ ଜଣଙ୍କୁ ଏମ୍.ଏସ୍‌ସି ଓ ୨୦୦ ଛାତ୍ରଛାତ୍ରୀ
ବି.ଟେକ୍ ଡିଗ୍ରି ଦିଆଯାଇଥିଲା। କେନ୍ଦ୍ର ଶିକ୍ଷାମ
ଶ୍ରୀ ପୋଖରିଆଲ୍‌ଙ୍କ କରକମଳରେ ଷ୍ଟୁଡେ
ଆକ୍ଟିଭିଟିଜ୍ ସେଣ୍ଟର(ଏସ୍‌ଏସି), ପ୍ଲେ କୋର୍ଟସ
ସ୍କୁଲ ଅଫ୍ ହ୍ୟୁମାନିଟିଜ୍, ସୋସିଆଲ୍ ସାଇନ୍ସ
ମ୍ୟାନେଜମେଣ୍ଟ ବିଲଡିଂ ଉଦ୍‌ଘାଟିତ ହୋଇଥିଲ